# The Orissa Gazette

**EXTRAORDINARY**

**PUBLISHED BY AUTHORITY**

**No. 1592 CUTTACK, TUESDAY, SEPTEMBER 4, 2007/ BHADRA 13, 1929**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**

ଘୋଷଣା

ତାରିଖ 31 ଜୁଲାଇ 2007

ସଂଖ୍ୟା 30159--ଏଲ୍.ଏ.(ସି)-31/2006 -ଢେଙ୍କାନାଳ-ରାବିପ-ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ଖଣ୍ଡହତା କ୍ଷୁଦ୍ର ଜଳସେଚନ ଯୋଜନାର ଜଳଭଣ୍ଡାର ନିର୍ମାଣ ପାଇଁ ସରକାର ସରକାରୀ ବ୍ୟୟରେ ମୌଜା ଚଲିଦା, ଥାନା କାମାକ୍ଷାନଗର, ଜିଲ୍ଲା ଢେଙ୍କାନାଳରେ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି; ତେଣୁ ଏତଦ୍ଦ୍ୱାରା ଘୋଷଣା କରାଯାଉଅଛି କି, ଉକ୍ତ ଉଦ୍ଦେଶ୍ୟରେ ପ୍ରାୟ 2.09 ଏକର ପରିମିତ ଭୂମି ଉପରୋକ୍ତ ଗ୍ରାମରେ ଆବଶ୍ୟକ ହେଉଅଛି ।

ଭୂ-ଅର୍ଜନ (ସଂଶୋଧିତ) ଆଇନ, 1984 ଦ୍ୱାରା ସଂଶୋଧିତ ହେବା ପ୍ରକାରେ 1894ର ଅଧିନିୟମର ଧାରା 6 ର ବ୍ୟବସ୍ଥା ଅନୁଯାୟୀ ପ୍ରଣୀତ ଏହି ଘୋଷଣାଟି ଏଥିସହିତ ସଂପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଭୂ-ଅର୍ଜନ ଆଇନର 4(1) ଧାରା ଅନୁଯାୟୀ ଅଧିସୂଚନା ସଂଖ୍ୟା 20950/ରା, ତା 2 ଜୁନ 2006 ରିଖ ଓ ରାଜପତ୍ର ସଂଖ୍ୟା 968, ତା 10 ଜୁଲାଇ 2006 ରିଖ ରେ ପ୍ରକାଶିତ ହୋଇଥିବା ଭୂମି ଅନୁସୂଚୀ ଉକ୍ତ ଘୋଷଣାନାମାର ଅନ୍ତର୍ଭୁକ୍ତ ଅଟେ ।

ଉକ୍ତ ଜମିର ଏକ ନକ୍ସା ,ଢେଙ୍କାନାଳ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ, କାର୍ଯ୍ୟାଳୟ ସମୟରେ ଦେଖିବାକୁ ମିଳିପାରିବ ।

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ

**ପ୍ରଦୀପ୍ତ କୁମାର ପଟନାୟକ**

ଯୁଗ୍ମ ଶାସନ ସଚିବ

Printed and Published by the Director, Printing, Stationery & Publication, Orissa, Cuttack-10

Ex.. Gaz.927-193+20